ପ୍ରେସ୍‌ନୋଟ୍

# ଓଡିଶା ବିଧାନସଭା ଗୃହ କମିଟିର ଅନୁଗୋଳ ଜିଲ୍ଲା ଗସ୍ତ ।

## ଖଣି, ଶିଳ୍ପ ଓ ବିଭିନ୍ନ ପ୍ରକଳ୍ପ ଦ୍ୱାରା ବାସଚ୍ୟୁତ ହୋଇଥିବା ପରିବାରଙ୍କ ସମସ୍ୟା ଓ ସେମାନଂକର ଥଇଥାନ ସମ୍ପର୍କରେ ସମୀକ୍ଷା ।

ଅନୁଗୋଳ, ତା.୨୭.୧୧:- ଓଡିଶା ବିଧାନସଭାର ଉପ-ବାଚସ୍ପତି ତଥା ଅନୁଗୋଳ ବିଧାୟକ ଶ୍ରୀ ରଜନୀକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଦୁଇ ଜଣିଆ ଗୃହ କମିଟି ଅନୁଗୋଳ ଜିଲ୍ଲା ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ବିଭିନ୍ନ ଖଣି,ଜଳ ସେଚନ ପ୍ରକଳ୍ପ ଓ ଶିଳ୍ପ ପ୍ରକଳ୍ପ ଦ୍ୱାରା ବାସଚ୍ୟୁତ ହୋଇଥିବା ପରିବାରମାନଂକର ସମସ୍ୟା ଓ ଥଇଥାନ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏହି କମିଟୀରେ ବିଧାୟକ ଶ୍ରୀ କିଶୋର କୁମାର ମହାନ୍ତି ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଖଣି ଦ୍ୱାରା ବାସଚ୍ୟୁତ ହୋଇଥିବା ପରିବାରର ଥଇଥାନ ଓ ବିସ୍ଥାପନ ସମସ୍ୟା ସମ୍ପର୍କରେ କମିଟିକୁ ଅବଗତ କରିଥିଲେ । ଖଣି ଓ ବିଭିନ୍ନ ପ୍ରକଳ୍ପ ଦ୍ୱାରା ଜମି ହରାଇଥିବା ପ୍ରଜାମାନଂକୁ ସଠିକ୍ ଭାବେ ଥଇଥାନ କରିବା ସହ ସେମାନଂକର ଦକ୍ଷତା ବୃଦ୍ଧି କରିବାକୁ କମିଟି ପରାମର୍ଶ ଦେଇଥିଲା । ବିସ୍ଥାପିତ ପରିବାରର ଯୁବକ ଯୁବତୀମାନଂକୁ ବୈଷୟିକ ଓ ଖଣି ସମ୍ପର୍କରେ ତାଲିମ ଦେଇ ସେମାନଂକର ଦକ୍ଷତା ବୃଦ୍ଧି କରିବାକୁ ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ପରିବେଶ ପ୍ରଦ୍ୟୁଷଣକୁ ଦୃଷ୍ଟିରେ ରଖି ଖଣିରୁ ନିର୍ଗତ ହେଉଥବା ପାଉଁଶ ଓ ବର୍ଜ୍ୟବସ୍ତୁ ମିଶା ପାଣିର ସଠିକ୍ ପରିଚାଳନା କରିବା ସହ ସି ଏସ୍ ଆର କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବାକୁ ଅଧ୍ୟକ୍ଷ ଖଣି କର୍ତ୍ତୃପକ୍ଷମାନଂକୁ ପରାମର୍ଶ ଦେଇଥିଲେ । ଏନ୍ ଟି ପି ସି ୫୭ ଜଣ ଏସ୍ ଏ ପିଙ୍କ ମଧ୍ୟରୁ ୪୮ ଜଣଂକୁ ଚାକିରି ଦେଇଛନ୍ତି । ପାଉଁଶ ପରିଚାଳନା ଶତ ପ୍ରତିଶତ କରିବା ସହ ବିଭିନ୍ନ ଆଶ୍ରମ ସ୍କୁଲରେ ସୌର ଆଲୋକର ବ୍ୟବସ୍ଥା କରିଛନ୍ତି ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ୬୫ ଲକ୍ଷ ଟଂକା ବ୍ୟୟରେ କୋଭିଡ ସମୟରେ ଖଣି ପାର୍ଶ୍ୱବର୍ତ୍ତୀ ଗ୍ରାମରେ ରିଲିଫ ପ୍ରଦାନ ସହ ପାନୀୟ ଜଳ ଯୋଗାଣ କରାଯାଇଛି । ଏନ୍ ଟି ପି ସି ୫୩ଟି ଗ୍ରାମ ଅଧିଗ୍ରହଣ କରିଛି ଓ ଏଥିରେ ୬୫୦ ଜଣ ଏସ୍ ଏ ପି ଅଛନ୍ତି । ନାଲ୍‌କୋ ସମୁଦାୟ ୩୯ଟି ଗ୍ରାମର ଏ.୪୦୯୯.୩୩ ଡେସିମିଲ ଜମି ଅଧିଗ୍ରହଣ କରିଛି । ନାଲ୍‌କୋର ଥଇଥାନ ଓ ବିସ୍ଥାପିତ ନିତୀ ୧୯୮୪ ମସିହାରେ କାର୍ଯ୍ୟକାରୀ ହେଲା । ନାଲକୋରେ ବିସ୍ଥାପିତ ହୋଇଥିବା ପରିବାରର ବୋହୁମାନଂକୁ ଚାକିରି ଦେବାର ବ୍ୟବସ୍ଥା କରିବାକୁ ଅଧ୍ୟକ୍ଷ ନିର୍ବାହୀ ନିର୍ଦ୍ଦେଶକଂକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳଂକ ସହ ଆଲୋଚନା କରି ଆସନ୍ତା

ଆର ପି ଡି ଏ ସି ରେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମା (ବୋହୁମାନଙ୍କୁ ଚାକିରି ନ ଦେବା) ସମ୍ପର୍କରେ ଆଲୋଚନା କରି ଚାକିରି ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି । ନାଲ୍କୋରେ ୪୧୬୯ ଜଣଙ୍କ ମଧ୍ୟରୁ ଏସ୍ ଏପି ୧୫୪୩ ଓ ଏଲ୍ ଏପି ୨୬୨୬ଜଣ । ନାଲକୋ ତାର ସି ଏସ୍ ଆର କାର୍ଯ୍ୟକ୍ରମ ପାରିପାର୍ଶ୍ୱିକ ଗ୍ରାମରେ ୧୯୮୬-୮୭ରେ ଆରମ୍ଭ କରିଥିଲା । ନାଲ୍କୋ ତାର ଲାଭାଂଶର ୪୦ ପ୍ରତିଶତ ଦାମନଯୋଡି,୪୦ ପ୍ରତିଶତ ଅନୁଗୋଳ ଓ ୨୦ ପ୍ରତିଶତ ଭୁବନେଶ୍ୱର ଏବଂ ଓଡିଶାର ଅନ୍ୟାନ୍ୟ ଅଂଚଳ ପାଇଁ ପ୍ରଦାନ କରୁଛି । ନାଲ୍କୋ ଖୁବ୍ ଶିଘ୍ର ୨୦ଟି ସ୍ମାର୍ଟ ସ୍କୁଲ ପ୍ରତିଷ୍ଠା କରିବ । କୁଲାଡ ସ୍କୁଲର ଉନ୍ନତିକରଣ କରିବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି । ସେହିପରି ଜେ ଏସ୍ ପି ଏଲର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି । ଜେ ଏସ୍ ପି ଏଲର ସମୁଦାୟ ପ୍ରକଳ୍ପ ବାସଚ୍ୟୁତ ପରିବାର ସଂଖ୍ୟା ୬୮୭ ଅଟେ । ୩୪୦୦ ସ୍ଥାୟୀ ନିଯୁକ୍ତି ଦିଆଯାଇଥିବାବେଳେ ୬୦୯ ଜଣ ପ୍ରକଳ୍ପ କ୍ଷତିଗ୍ରସ୍ତ ପରିବାରକୁ ନିଯୁକ୍ତି ଦିଆଯାଇଛି । ଏହାଛଡା ୪୫୮୧ ଜଣ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି । ଜେ ଏସ୍ ପି ଏଲ୍ ୨୦୦୫ରେ ସି ଏସ୍ ଆର କାର୍ଯ୍ୟ ଆରମ୍ଭ କରିଛି । ବର୍ତ୍ତମାନ ସୁଦ୍ଧା ୧୦୦ କୋଟି ଟଙ୍କା ବ୍ୟୟରେ ସ୍ୱାସ୍ଥ୍ୟ,ପୃଷ୍ଟିକର ଖାଦ୍ୟ ,ପରିମଳ,ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ,ଜଳ ପରିମଳ ପ୍ରକଳ୍ପ ,ସାଂସ୍କୃତି କାର୍ଯ୍ୟ ଓ ଦକ୍ଷତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି । ମତ୍ସ୍ୟ ଚାଷର ଉନ୍ନତି କଳ୍ପେ ବର୍ତ୍ତମାନ ସୁଦ୍ଧା ୮୦ଟି ପୋଖରିକୁ ପୁର୍ନରୁଦ୍ଧାର କରାଯାଇଛି । ଜମିହରା ପରିବାରର ଯୁବକମାନଙ୍କୁ ଭାରିଯାନ ଚଳାଇବାକୁ ତାଲିମ ଦେଲେ ସେମାନେ ରୋଜଗାରକ୍ଷମ ହୋଇପାରିବେ ବୋଲି ବିଧାୟକ ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି । ନାଲ୍କୋର ପାରିପାର୍ଶ୍ୱିକ ୧୨ଟି ଗ୍ରାମ ପଂଚାୟତର ୩୬ଟି ଗ୍ରାମରେ ସି ଏସ୍ ଆର କାର୍ଯ୍ୟ ଚାଲୁ ରହିଛି । ଜେ ଏସ୍ ପି ଏଲ୍ ସହଯୋଗରେ ମହିଳାମାନେ ନାପ୍କିନ୍ ତିଆରି କରି ଏହାକୁ ବିଭିନ୍ନ ବଜାରରେ ବିକ୍ରୟ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ବିଧାୟକ ଶ୍ରୀ ମହାନ୍ତି ମତବ୍ୟକ୍ତ କରିଥିଲେ । ଜେ ଏସ୍ ପି ଏଲର କିଶୋରି ଏକ୍ସପ୍ରେସ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିଭିନ୍ନ ସ୍ଥାନରେ ବୁଲି ବିକ୍ରୟ କରୁଛି ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ । ଅନୁଗୋଳରୁ ନିଶା ପର୍ଯ୍ୟନ୍ତ ରାସ୍ତା ଓ ବଡକେରଜାଂଗ ରାସ୍ତାର ଉନ୍ନତି କରଣ କରିବାକୁ ଅଧ୍ୟକ୍ଷ ଜେ ଏସ୍ ପି ଏଲର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ଟାଟା ଷ୍ଟିଲରେ ୫୯ ଜଣ ବାସଚ୍ୟୁତ ପରିବାର ମଧ୍ୟରୁ ୪୦ ଜଣଙ୍କୁ ପେ ରୋଲରେ ନିଯୁକ୍ତି ଦିଆଯାଇ ଥଇଥାନ କରାଯାଇଛି । ସି ଏସ୍ ଆର କାର୍ଯ୍ୟକ୍ରମରେ ରାସ୍ତା, ଆଲୋକିକରଣ କରାଯିବା ସହ ପାଉଁଶ ପୋଖରି ଓ ବର୍ଜ୍ୟବସ୍ତୁ ପାଣିର ସୁପରିଚାଳନା ଉପରେ ଆଲୋଚନା ହୋଇଥିଲା । ସେହିପରି ଜି ଏମ୍ ଆର ବାସଚ୍ୟୁତ ୨୩୦୦ ପରିବାର ମଧ୍ୟରୁ ୪୫୦ ପରିବାରକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ଦିଆଯାଇଛି ।

ବାକି ଅନ୍ୟମାନଂକୁ  ଜିବିକା ମିଶନ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ଜେ ଆଇ ଟି ପି ଏଲର ବାସଚ୍ୟୁତ ପରିବାର ସମ୍ପୂର୍ଣ୍ଣ ଭାବେ ଜମି ହରାଇଥିବା ୪୯ ପରିବାରର ୪୮୦ ଜଣଂକୁ ନିଯୁକ୍ତି ଦିଆଯିବା ନିମନ୍ତେ ସ୍ଥିର କରାଯାଇଥିବା ବେଳେ ସେଥିରୁ ୪୫୮ ଜଣ ଚାକିରି ପାଇଛନ୍ତି । ସମସ୍ତ ଶିଳ୍ପ ସଂସ୍ଥା ବିସ୍ତୃତ ତଥ୍ୟ ବିଧାନ ସଭାକୁ ପଠାଇବା ନିମନ୍ତେ ଅଧକ୍ଷ୍ୟ ପରାମର୍ଶ ଦେଇଛନ୍ତି । ଏହି କମିଟିରେ ଶକ୍ତି ବିଭାଗର ଅତିରିକ୍ତ ସଚିବ ଶ୍ରୀ ଧନଂଜୟ୍ ସ୍ୱାଇଁ ଆସିଥିବା ବେଳେ ଅନ୍ୟମାନଂକ ମଧ୍ୟରେ ଢେଂକାନାଳ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ସେଠୀ,ଅନୁଗୋଳ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍,ନାଲାକୋ ନିର୍ଦ୍ଦେଶକ( ପି ଆଣ୍ଡ ଟି) ଶ୍ରୀ ମନସା ପ୍ରସାଦ ମିଶ୍ର,ନାଲକୋର ନିର୍ବାହୀ ନିର୍ଦ୍ଦେଶକ(ଏସ୍ ଆଣ୍ଡ ପି) ଶ୍ରୀ ଅମ୍ବିକା ପ୍ରସାଦ ପଣ୍ଡା, ଜେ ଏସ୍ ପି ଲର ଜେନେରାଲ ମ୍ୟାନେଜର (ସି ଏସ୍ ଆର) ପୁଷ୍ପା ଶତପଥି, ଜେ ଏସ୍ ପି ଏଲ୍‌ର ଉପ-ସଭାପତି, ଶ୍ରୀ ସୁରେଶ କୁମାର ଶର୍ମାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



